# ଜାତୀୟ ଆଲୋଚନାଚକ୍ର ଓ ପ୍ରବନ୍ଧ ପାଠ ଉତ୍ସବ

କୋରାପୁଟ,୩୦/୧୦(ଇମିସ): ଏକବିଂଶ ଶତାବ୍ଦୀର ଓଡ଼ିଆ ଭାଷା ଓ ଶୈଳୀ ଉପରେ ଏକ ଦିବସୀୟ ଜାତୀୟ ଆଲୋଚନାଚକ୍ର ଓ ପ୍ରବନ୍ଧ ପାଠ ଉତ୍ସବ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ସାହିତ୍ୟ ଏକାଡେମୀ ଓ ସ୍ନାତକୋତ୍ତର ଓଡ଼ିଆ ବିଭାଗର ମିଳିତ ଆନୁକୂଲ୍ୟରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ.ଗୋପାଳ ହାଲଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଦୀପକ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଡଃ ପ୍ରୀତିଧାରା ସାମଲ ପ୍ରବନ୍ଧ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ଡଃ ମନୋରଞ୍ଜନ ନାୟକ, ଓଡ଼ିଆ ବିଭାଗ ମୁଖ୍ୟ ଲୋପାମୁଦ୍ରା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ଅଧ୍ୟାପିକା ସୁଜାତା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏଥିରେ କବି ଚକ୍ରପାଣି ପରିଚ୍ଛା, ଗଣେଶ ପ୍ରସାଦ ସାହୁ ଏବଂ ସଞ୍ଚିତା ମିଶ୍ର ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଆଲୋକ କୁମାର ବରାଳ ସଭାପତିତ୍ୱ କରିଥିବା ବେଳେ ବିଶିଷ୍ଟ ଅନୁବାଦକ ବିଜୟ ପ୍ରଧାନ, କମଳାକାନ୍ତ ତ୍ରିପାଠୀ, କବି ଅଧ୍ୟାପକ ରବି ଶତପଥୀ ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ଏଥିରେ ଡଃ ଜଗବନ୍ଧୁ ସାମଲ, ମଧୁସୂଦନ ସ୍ୱାଇଁ, ସତ୍ତା ସାହିତ୍ୟ ସଂସଦର ସଭାପତି ଜଳଧର ସ୍ୱାଇଁ ଏବଂ ଡଃ ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରଶାନ୍ତ ସାନ୍ତରା ଓ ସୁଜାତା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

JEYPORE Edition
Page No.17 October 31, 2024